# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 31 March - 2024

### News Editor : Tapan Kumar Moharana

*****************************************

## ମୁଖ୍ୟ ସମ୍ବାଦ

- ପୂର୍ବତନ ଉପପ୍ରଧାନମନ୍ତ୍ରୀ ଲାଲ୍‌କ୍ରିଷ୍ଣ ଆଡଭାନୀଙ୍କୁ ନୂଆଦିଲ୍ଲୀସ୍ଥିତ ତାଙ୍କ ବାସଭବନରେ ଭାରତରତ୍ନରେ ସମ୍ମାନିତ କଲେ ରାଷ୍ଟ୍ରପତି
- ଦେଶର ବିଭିନ୍ନ ସ୍ଥାନରେ ଆଜି ପାଳିତ ହେଉଛି ଇଷ୍ଟର ପର୍ବ; ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା
- ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଏପ୍ରିଲ୍ ୨ ତାରିଖଠାରୁ ପ୍ରଥମରୁ ଦ୍ୱାଦଶ ପର୍ଯ୍ୟନ୍ତ ସକାଳୁଆ ପାଠପଢ଼ା ନେଇ ସରକାରଙ୍କ ନିଷ୍ପତ୍ତି

ଏବଂ

- ଆଗାମୀ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଅନେକ ସ୍ଥାନରେ ଦିନ ତାପମାତ୍ରା ୨ ରୁ ୪ ଡିଗ୍ରୀ ଯାଏ ହ୍ରାସ ପାଇବା ନେଇ ପାଣିପାଗ ବିଭାଗର ସୂଚନା

## ଭାରତରତ୍ନ-ଆଡଭାନୀ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ପୂର୍ବତନ ଉପ-ପ୍ରଧାନମନ୍ତ୍ରୀ ଲାଲକୃଷ୍ଣ ଆଡଭାନୀଙ୍କୁ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ ଭାରତରତ୍ନରେ ସମ୍ମାନିତ କରିଛନ୍ତି। ରାଷ୍ଟ୍ରପତି ଶ୍ରୀ ଆଡଭାନୀଙ୍କୁ ନୂଆଦିଲ୍ଲୀସ୍ଥିତ ତାଙ୍କ ବାସଭବନରେ ଏହି ପୁରସ୍କାର ପ୍ରଦାନ କରିଥିଲେ । ଉପରାଷ୍ଟ୍ରପତି ଜଗଦୀପ ଧନଖଡ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ସମ୍ମାନ ପ୍ରଦାନ ସମୟରେ ଉପସ୍ଥିତ ଥିଲେ ।

ଏକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି ମୁର୍ମୁ କହିଛନ୍ତି, ଲାଲକୃଷ୍ଣ ଆଡଭାନୀ ସାତ ଦଶନ୍ଧିରୁ ଅଧିକ ସମୟ ଧରି ଦେଶ ପାଇଁ ଅତୁଟ ନିଷ୍ଠା ଏବଂ ଅସାଧାରଣ ଦକ୍ଷତାର ସହ କାର୍ଯ୍ୟ କରିଛନ୍ତି। ଗୃହମନ୍ତ୍ରୀ ଓ ଉପପ୍ରଧାନମନ୍ତ୍ରୀ ଭାବେ ସେ ସର୍ବଦା ଜାତୀୟ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇଥିଲେ, ଯାହା ତାଙ୍କୁ ଦଳୀୟ ସ୍ତରରୁ ଊର୍ଦ୍ଧ୍ୱରେ ଥିବା ଲୋକଙ୍କ ଠାରୁ ସମ୍ମାନ ଓ ପ୍ରଶଂସା ସାଉଁଟିଛି ।

## ଇଷ୍ଟର ପର୍ବ

ଦେଶର ଆଜି ବିଭିନ୍ନ ପ୍ରାନ୍ତରେ ଖ୍ରୀଷ୍ଟ ଧର୍ମାବଲମ୍ବୀ ଭାଇଭଉଣୀମାନେ ଅତ୍ୟନ୍ତ ଶ୍ରଦ୍ଧାର ସହ ଇଷ୍ଟର ପର୍ବ ପାଳନ କରୁଛନ୍ତି। ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଖ୍ରୀଷ୍ଟ ଧର୍ମାବଲମ୍ବୀ ଭାଇଭଉଣୀମାନଙ୍କୁ ଇଷ୍ଟର ପର୍ବର ଶୁଭେଚ୍ଛା ଜଣାଇଛନ୍ତି।

ବିଶ୍ୱାସ ରହିଛି ପ୍ରଭୁ ଯୀଶୁ ଶୁଭ ଶୁକ୍ରବାର ଦିନ କ୍ରୁଶବିଦ୍ଧ ହେବାର ୩ ଦିନ ପରେ ଅର୍ଥାତ୍ ରବିବାର ଦିନ ପୁନଃ ଜୀବନ ଲାଭ କରିଥିଲେ । ପ୍ରଭୁ ଯୀଶୁଙ୍କର ଏହି ଧରାବତରଣ ଉତ୍ସବକୁ ସର୍ବତ୍ର ଇଷ୍ଟର ପର୍ବ ଭାବେ ପାଳନ କରାଯାଏ । ଇଷ୍ଟର ପର୍ବ ସହ ୪୦ ଦିନ ଧରି ଚାଲିଥିବା ଲେଣ୍ଟ ମାସ ମଧ୍ୟ ଏହି କ୍ରମରେ ଶେଷ ହୋଇଥାଏ। ରାଜ୍ୟର ବିଭିନ୍ନ ଗୀର୍ଜାଘର ଗୁଡ଼ିକରେ ଏଥିପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛି। ନବରଙ୍ଗପୁର ଜିଲ୍ଲାରେ ଖ୍ରୀଷ୍ଟ ଧର୍ମାବଲମ୍ବୀ ଭାଇଭଉଣୀମାନେ ନିଜ ପ୍ରିୟଜନଙ୍କ ସମାଧିସ୍ଥଳରେ ଫୁଲ ଦେଇ କ୍ୟାଣ୍ଡେଲ୍ ଜଳାଇ ପର୍ବ ପାଳନ କରିଛନ୍ତି। ଏହା ସହ ପ୍ରଭୁ ଯୀଶୁଙ୍କ ପୁନଃଉତ୍‌ଥାନର ଖୁସି ମନାଇ ପବିତ୍ର ବାଇବେଲ୍ ପାଠ କରିଛନ୍ତି।

## ସକାଳୁଆ ସ୍କୁଲ

ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଆସନ୍ତା ମଙ୍ଗଳବାରଠାରୁ ବିଦ୍ୟାଳୟ ଗୁଡ଼ିକର କାର୍ଯ୍ୟନିର୍ଘଣ୍ଟ ସମୟ ସକାଳୁ ଆରମ୍ଭ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି । ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ସକାଳ ୭ଟାରୁ ପୂର୍ବାହ୍ନ ୧୧ଟା ୩୦ ପର୍ଯ୍ୟନ୍ତ ଚାଲିବ । ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଗତକାଲି ନିର୍ଦ୍ଦେଶନାମା ପ୍ରକାଶ ପାଇଛି । ସମସ୍ତ ସରକାରୀ, ଅନୁଦାନପ୍ରାପ୍ତ ଏବଂ ବେସରକାରୀ ବିଦ୍ୟାଳୟଗୁଡ଼ିକ ପାଇଁ ଏହି ସମୟ ନିର୍ଘଣ୍ଟ ଲାଗୁ ହେବ ବୋଲି ଏହି ନିର୍ଦ୍ଦେଶନାମାରେ ସ୍ପଷ୍ଟ କରାଯାଇଛି ।

ଅନ୍ୟପକ୍ଷରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ୨୦୨୪-୨୫ ଶିକ୍ଷାବର୍ଷ ପାଇଁ କ୍ୟାଲେଣ୍ଡର ପ୍ରକାଶ ପାଇଛି । ଏହି କ୍ୟାଲେଣ୍ଡରରେ ପ୍ରାଥମିକ ଓ ମାଧ୍ୟମିକ ଶ୍ରେଣୀ ପାଇଁ ସମସ୍ତ ଛୁଟି ବିବରଣୀ ନେଇ ସୂଚନା ଦିଆଯାଇଛି । ଚଳିତବର୍ଷ ମେ’ ୬ରୁ ଜୁନ୍ ୬ ତାରିଖ ଯାଇ ଖରାଛୁଟି ହେବ । ଏହି ଶିକ୍ଷାବର୍ଷରେ ୨୩୧ଟି କାର୍ଯ୍ୟଦିବସ ରହିଛି । ଏହି ସମୟରେ ସକାଳ ୧୦ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ସ୍କୁଲରେ ରହିବା ବାଧ୍ୟତାମୂଳକ କରାଯାଇଛି ।

ସେହିଭଳି ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ସ୍କୁଲରେ ପାନୀୟଜଳ, ଓଆର୍ଏସ୍ ପ୍ୟାକେଟ୍ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

## ସକାଳୁଆ କୋର୍ଟ

ରାଜ୍ୟର ସବୁ ଜିଲ୍ଲାସ୍ତରୀୟ ଏବଂ ନିମ୍ନ ଅଦାଲତଗୁଡ଼ିକ ଆସନ୍ତା ୮ ତାରିଖରୁ ସକାଳୁ ଆରମ୍ଭ ହେବ । ପୂର୍ବାହ୍ଣ ୭ଟାରୁ କୋର୍ଟ କାର୍ଯ୍ୟାଳୟ ଖୋଲା ରହିବ । ବ୍ରହ୍ମପୁର, ଛତ୍ରପୁର, ଭୁବନେଶ୍ୱର, କୋରାପୁଟ ସଦର ଏବଂ ପୁରୀ ସଦର ଅଦାଲତ ବ୍ୟତୀତ ଅନ୍ୟ ସବୁ କୋର୍ଟର କାର୍ଯ୍ୟ ସକାଳ ସାଢ଼େ ୭ଟାରୁ ସାଢ଼େ ୧୨ଟା ପର୍ଯ୍ୟନ୍ତ ଚାଲିବ । ଅନ୍ୟ କୋର୍ଟ ଗୁଡ଼ିକର କାର୍ଯ୍ୟ ଅପରାହ୍ଣ ଗୋଟାଏ ପର୍ଯ୍ୟନ୍ତ ଚାଲିବ । ସକାଳ ୧୦ଟାରୁ ଅଧଘଣ୍ଟାଏ ପାଇଁ ବିରତ ରହିବ ବୋଲି ଓଡ଼ିଶା ହାଇକୋର୍ଟଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।

## କେନ୍ଦ୍ରୀୟ ବିଦ୍ୟାଳୟ ନାମଲେଖା

କେନ୍ଦ୍ରୀୟ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରେ ନାମଲେଖା ପାଇଁ ଆସନ୍ତାକାଲିଠାରୁ ପଞ୍ଜୀକରଣ ଆରମ୍ଭ ହେବ। ଏହା ଏପ୍ରିଲ୍ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଇଚ୍ଛୁକ ଅଭିଭାବକମାନେ ମନୋନୀତ କେନ୍ଦ୍ରୀୟ ବିଦ୍ୟାଳୟରେ ନିଜ ପିଲାଙ୍କ ନାମଲେଖା ପାଇଁ ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିପାରିବେ। ଏପ୍ରିଲ୍ ୧୯ ତାରିଖରେ ପ୍ରଥମ ପ୍ରୋଭିଜ୍‌ନାଲ ଲିଷ୍ଟ ପ୍ରକାଶ ପାଇବ। ସେହିପରି ଦ୍ୱିତୀୟ ତାଲିକା ଏପ୍ରିଲ୍ ୨୯ରେ ଏବଂ ତୃତୀୟ ତାଲିକା ମେ' ୮ ତାରିଖରେ ପ୍ରକାଶ ପାଇବ। ଏହି ଆଧାରରେ ଛାତ୍ରଛାତ୍ରୀ ନାମ ଲେଖାଇବେ।

## ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀ

ସୁନ୍ଦରଗଡ଼ ଜିଲ୍ଲାରେ ପଞ୍ଚମ ପର୍ଯ୍ୟାୟ ମେ' ୨୦ ତାରିଖରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ।

ନିର୍ବାଚନ ପ୍ରସ୍ତୁତି ନେଇ ଆସନ୍ତୁ ଶୁଣିବା ଆମ ସୁନ୍ଦରଗଡ଼ ଜିଲ୍ଲା ପ୍ରତିନିଧି ସଞ୍ଜୟ କୁମାର ଦାସ କ'ଣ କହୁଛନ୍ତି....

**- V/O –**

## ନିର୍ବାଚନ-ନବରଙ୍ଗପୁର

ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ନବରଙ୍ଗପୁର ଜିଲ୍ଲା ଡାବୁଗାଁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପୋଲିଂ ଅଧିକାରୀଙ୍କୁ ତାଲିମ ଦିଆଯାଇଛି। ନିର୍ବାଚନ ସମୟରେ ଇଭିଏମ୍ ପରିଚାଳନା ଓ ନିର୍ବାଚନ ସମ୍ବନ୍ଧୀୟ କାଜଗପତ୍ର

କାର୍ଯ୍ୟ ପରିଚାଳନା ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା । ଏଥିରେ ଡାବୁଗାଁ ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ଡାବୁଗାଁ, ପାପଡ଼ାହାଣ୍ଡି ଓ କୋଷାଗୁମୁଡ଼ା ବ୍ଲକରୁ ମୋଟ ୨୩୧ ଜଣ ପୋଲିଂ ଅଧିକାରୀ ତାଲିମ ନେଇଥିଲେ । ଏହି ତାଲିମ କାର୍ଯ୍ୟକ୍ରମରେ ପ୍ରିଜାଇଡିଂ, ୧ମ ପୋଲିଂ, ୨ୟ ପୋଲିଂ, ୩ୟ ପୋଲିଂ, ୪ର୍ଥ ପୋଲିଂ ଓ ୫ମ ପୋଲିଂ ଅଧିକାରୀଙ୍କୁ ତାଲିମ ଦିଆଯାଇଥିଲା ।

## ରୁକୁଣା ରଥ ପ୍ରସ୍ତୁତି ବୈଠକ

ମହାପ୍ରଭୁ ଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ପାଇଁ ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଚଳିତବର୍ଷ ଶୃଙ୍ଖଳିତ ଭାବେ ଜାଗର ଯାତ୍ରା ହୋଇଥିବାରୁ ଏପ୍ରିଲ ୧୬ ତାରିଖରେ ହେବାକୁ ଥିବା ଅଶୋକାଷ୍ଟମୀ ରଥଯାତ୍ରା ନିମନ୍ତେ ଜିଲ୍ଲାପାଳ ସମସ୍ତଙ୍କର ସହଯୋଗ ଆଶା କରିଛନ୍ତି । ଏହି ଦିନ ଭୋର୍ ୫ଟାରେ ମଙ୍ଗଳଆଳତି ଓ ଅବକାଶ କରି ସମୟାନୁଯାୟୀ ଅନ୍ୟାନ୍ୟ ନୀତିକାନ୍ତି ଅନୁଷ୍ଠିତ ହୋଇ ଅପରାହ୍ଣ ୩ଟା ୩୦ରେ ରଥଟଣା ହେବ ବୋଲି ସ୍ଥିର କରାଯାଇଛି । ସେହିପରି ୨୦ ତାରିଖରେ ବାହୁଡା ଯାତ୍ରା ଅନୁଷ୍ଠିତ ହେବ । ରୁକୁଣା ରଥଯାତ୍ରା ସମୟରେ ସମ୍ପୃକ୍ତ ବିଭାଗ କର୍ମଚାରୀ ନିଜ ନିଜର ଦାୟିତ୍ୱ ସମ୍ପନ୍ନ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯିବ ବୋଲି ସୂଚନା ଦିଆଯାଇଛି ।

## ବିମାନସେବା

ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରୁ ସ୍ପାଇସ୍‌ଜେଟ୍ ଝାରସୁଗୁଡ଼ାରୁ ଦିଲ୍ଲୀକୁ ଚଳାଚଳ କରୁଥିବା ସମସ୍ତ ବିମାନକୁ ଆଜିଠାରୁ ସମ୍ପୂର୍ଣ୍ଣ ରୂପେ ଅପସାରଣ କରିଛି। ଝାରସୁଗୁଡ଼ା ବିମାନବନ୍ଦରରରୁ ସ୍ପାଇସ୍ ଜେଟ୍ ତା'ର ବିମାନ ସେବା ବିଭିନ୍ନ ସେକ୍ଟରରୁ ବନ୍ଦ କରିବାରେ ଲାଗିଥିବାରୁ ଯାତ୍ରୀଙ୍କ ମଧ୍ୟ ଅସନ୍ତୋଷ ପ୍ରକାଶ ପାଇଛି। ସ୍ପାଇସଜେଟ୍ ପର୍ଯ୍ୟାୟକ୍ରମେ କୋଲକାତା, ହାଇଦ୍ରାବାଦ, ବେଙ୍ଗାଲୁରୁ, ମୁମ୍ବାଇକୁ ବିମାନସେବା ବନ୍ଦ କରିସାରିଥିବା ବେଳେ ଏବେ ଦିଲ୍ଲୀକୁ ବିମାନସେବା ବନ୍ଦ କରିଛି।

ସୂଚନାଯୋଗ୍ୟ, ଗତ ୨୦୨୧ ମସିହାରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଝାରସୁଗୁଡ଼ା ବିମାନବନ୍ଦରରେ ଜାତୀୟ ସ୍ତରର ଉଡାନ୍ ପର୍ବ ଅବସରରେ ଝାରସୁଗୁଡ଼ାରୁ  ବିଭିନ୍ନ  ସ୍ଥାନକୁ ବିମାନସେବା ଆରମ୍ଭ କରିଥିଲେ।

## ଖେଲୋ ଇଣ୍ଡିଆ-ଓଡ଼ିଶା

ବିହାରର ପାଟଣାଠାରେ ଚାଲିଥିବା ଦୁଇଦିନିଆ ଖେଲୋ ଇଣ୍ଡିଆ ଜୁନିଅର ମହିଳା ସୁଇମିଂ ସିରିଜ୍ ଜୋନ୍-୪ରେ ଓଡ଼ିଶାର ଖେଳାଳିଙ୍କୁ ୫୩ଟି ପୁରସ୍କାର ମିଳିଛି। ସମୁଦାୟ ୧୦୦ଟି ବର୍ଗରେ ପ୍ରତିଯୋଗିତା ହୋଇଥିବାବେଳେ ଓଡ଼ିଆ ଖେଳାଳି ୫୩ଟି ବର୍ଗରେ ପୁରସ୍କାର ହାସଲ କରିଛନ୍ତି। ପ୍ରଥମ ଉଦ୍‌ଘାଟନୀ ଦିବସରେ ୫୦ଟି ପୁରସ୍କାର ମଧ୍ୟରୁ ଓଡ଼ିଶାକୁ ୨୬ଟି ପୁରସ୍କାର ମିଳିଥିବାବେଳେ ଗତକାଲି ଉଦ୍‌ଯାପନୀ ଦିବସରେ ୨୭ଟି ପୁରସ୍କାର ମିଳିଛି।

# ପାଣିପାଗ

ରାଜ୍ୟରେ ଗତ କିଛିଦିନ ହେବ ଗ୍ରୀଷ୍ମ ପ୍ରକୋପ ବୃଦ୍ଧି ପାଇବାରେ ଲାଗିଥିବାବେଳେ ଆଜି ସକାଳେ ରାଜ୍ୟର ଆଭ୍ୟନ୍ତରୀଣ ଓ ଉପକୂଳ ଓଡ଼ିଶାର କିଛି ଅଞ୍ଚଳରେ ସକ୍ରିୟ ଘୂର୍ଣ୍ଣିବଳୟ ଏବଂ କାଳବୈଶାଖୀର ପ୍ରଭାବରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଛି । ଏହା ସହ ପାଗ ମେଘୁଆ ରହିଛି । ଏହାର ପ୍ରଭାବରେ ଆଗାମୀ ୨୪ ଘଣ୍ଟାରେ ରାଜ୍ୟର ଅନେକ ସ୍ଥାନରେ ୨ ରୁ ୪ ଡିଗ୍ରୀ ଯାଏଁ ଦିନ ତାପମାତ୍ରା ହ୍ରାସ ପାଇପାରେ। ପରବର୍ତ୍ତୀ ଦୁଇଦିନ ମଧ୍ୟରେ ପୁନର୍ବାର ୩ରୁ ୪ ଡିଗ୍ରୀ ତାପମାତ୍ରା ବୃଦ୍ଧି ପାଇବାର ସମ୍ଭାବନା ଥିବା ନେଇ ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଆଜି ଭୁବନେଶ୍ୱରରେ ଦିନ ତାପମାତ୍ରା ୩୭ ଡିଗ୍ରୀ ଏବଂ କଟକରେ ୩୭ ଦଶମିକ ୬ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି ।

ଗତକାଲି ମାଲକାନଗିରି ଜିଲ୍ଲାରେ ସର୍ବାଧିକ ଦିନ ତାପମାତ୍ରା ୪୧ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ସେହିପରି ବଲାଙ୍ଗିର, ଟିଟିଲାଗଡ଼, ନୟାଗଡ଼ ଏବଂ ବୌଦ୍ଧ ଜିଲ୍ଲାରେ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ୍ ଉପରେ ରେକର୍ଡ କରାଯାଇଛି ।

******************************